# NATIONAL NEWS BULLETIN (ODIA)

**28 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପର୍ବପର୍ବାଣୀ ପାଳନ ଅବସରରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ଉପରେ ଦେଲେ ଗୁରୁତ୍ୱ

- ଭାଷା ବିବିଧତା ସତ୍ତ୍ୱେ ଭାରତ ଏକତାର ସୂତ୍ରରେ ବାନ୍ଧିହୋଇ ରହିଛି, କହିଲେ ଉପରାଷ୍ଟ୍ରପତି

- ତାମିଲନାଡୁ କରୁର୍ ଦଳାଚକଟା ଘଟଣାରେ ମୃତ୍ୟୁସଂଖ୍ୟା ୩୯କୁ ବୃଦ୍ଧି

ଏବଂ

- ଏସୀୟ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଟାଇଟଲ୍ ହାସଲ ପାଇଁ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପର୍ବପର୍ବାଣୀ ପାଳନ ଅବସରରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣାଇବାକୁ ସେ ଅନୁରୋଧ କରିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପର୍ବପର୍ବାଣୀ ସହ

ଦେଶରେ ଜିଏସଟି ସଂଚୟ ଉତ୍ସବ ମଧ୍ୟ ପାଳନ କରାଯାଉଛି । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଦ୍ୱାରା ଜଣେ କାରିଗରର କଠିନ ପରିଶ୍ରମକୁ ସମ୍ମାନ ମିଳିବ ଏବଂ ଯୁବ  ଉଦ୍ୟୋଗୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM- Local for Vocal)**

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ଘର ପରିବେଶ ମଧ୍ୟରେ ଏହାକୁ ସୀମିତ ନ ରଖି ସାର୍ବଜନୀନ ଅଞ୍ଚଳ, ବଜାର ଏବଂ ଗ୍ରାମ ପର୍ଯ୍ୟନ୍ତ ଏହାକୁ ବ୍ୟାପକ କରାଯିବା ଉଚିତ। ପ୍ରଧାନମନ୍ତ୍ରୀ କହିଛନ୍ତି, ନବରାତ୍ରୀ ପାଳନ ଅବସରରେ ଲୋକମାନେ ଶକ୍ତିପୂଜା କରନ୍ତି । ଏହି ଅବସରରେ ସେ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଛନ୍ତି । ବ୍ୟବସାୟ ଠାରୁ କ୍ରୀଡ଼ା ଏବଂ ଶିକ୍ଷା ଠାରୁ ବିଜ୍ଞାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦେଶର କନ୍ୟାସନ୍ତାନମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି ବୋଲି ସେ କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାଙ୍କର ସେ ଉଦାହରଣ ଦେଇଛନ୍ତି ।

ଛଟ୍ ପୂଜା ଏବେ ଏକ ବିଶ୍ୱ ମହୋତ୍ସବରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ମହାପର୍ବକୁ ୟୁନେସ୍କୋର ଅକଳ୍ପନୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ସରକାରଙ୍କ ପ୍ରୟାସ ଯୋଗୁଁ କୋଲକାତାର ଦୁର୍ଗାପୂଜା ମହୋତ୍ସବ  ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ମନ୍ କି ବାତ୍‌ର ୧୨୬ତମ ସଂସ୍କରଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ  ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂ ଏବଂ ଗାୟିକା

ଲତା ମଙ୍ଗେସକରଙ୍କ ଆଜିର ଜନ୍ମବାର୍ଷିକୀ ସଂପର୍କରେ ଉଲ୍ଲେଖ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

**V/O (PM- Bhagat Singh & Lata)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ୨ ତାରିଖରେ ଗାନ୍ଧି ଜୟନ୍ତୀ ପାଳନ କରାଯିବ । ଜାତିର ପିତା ସବୁବେଳେ ସ୍ୱଦେଶୀ ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ଖଦୀ ଏହା ମଧ୍ୟରେ ସବୁଠାରୁ ପ୍ରମୁଖ ଥିଲା । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଖଦୀ ପ୍ରତି ଆକର୍ଷଣ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗାନ୍ଧି ଜୟନ୍ତୀରେ ଖଦୀ ଉତ୍ପାଦ କିଣି ସାମାଜିକ ଗଣମାଧ୍ୟମରେ ହାସ୍ ଟ୍ୟାଗ୍ ଭୋକାଲ୍ ଫର୍ ଲୋକାଲ୍ ସହିତ ଶେୟାର କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

**V/O (PM- Khadi)**

ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ପରମ୍ପରା ଏବଂ ନବସୃଜନ ଆଧାରରେ କରାଯାଉଥିବା କାର୍ଯ୍ୟ ସଫଳତା ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସେ ଏ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଭାରତୀୟଙ୍କ ଉଦାହରଣ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ବିଜୟା ଦଶମୀ ପାଳନ କରାଯିବ । ଚଳିତବର୍ଷ ଏହି ଦିବସ ପାଳନର ଅନ୍ୟ ଏକ ବିଶେଷତ୍ୱ ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାର ଶହେବର୍ଷ ପୂରଣ । ଏକ ଶତାବ୍ଦୀର ଏହି ଯାତ୍ରା ଯେତିକି ଆଶ୍ଚର୍ଯ୍ୟଜନକ ଏବଂ ଅଭୂତପୂର୍ବ, ସେତିକି

ପ୍ରେରଣାଦାୟୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଡକ୍ଟର କେ.ବି. ହେଡ୍‌ଗେୱାର୍ ୧୯୨୫ ମସିହାରେ ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ ।  ଦୀପାବଳି ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱଦେଶୀ କିଣି ଆତ୍ମନିର୍ଭରଶୀଳ ଭାରତ ଅଭିଯାପନକୁ ସାକାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ସେବାପର୍ବ-ପିଏମ୍ ଜନଧନ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ତ୍ୱରାନ୍ୱିତ କରାଯିବା ସହ ଦେଶବାସୀଙ୍କ ସଶକ୍ତିକରଣ ସଂପର୍କରେ ଏକ ରିପୋର୍ଟ :

**Seba Parba Opening**

ଗତ ଦଶନ୍ଧି ମଧ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତି ଦେଶର ଅଭିବୃଦ୍ଧି କାହାଣୀର ଭିତ୍ତିଭୂମି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପିଏମ୍. ଜନଧନ ଯୋଜନା ଶ୍ରୀ ମୋଦୀଙ୍କ ପ୍ରମୁଖ ପଦକ୍ଷେପ ଗୁଡ଼ିକ ମଧ୍ୟରୁ

ଗୋଟିଏ । ଦେଶବାସୀଙ୍କୁ ସଶକ୍ତ କରିବାରେ ଏହା ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ।

**V/O (PM - Jandhan)**

୫୬ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ସହିତ ଏହି ଯୋଜନା ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପରେ ପରିଣତ ହୋଇଛି । ଜନଧନ ବ୍ୟାଙ୍କ ଖାତା ମଧ୍ୟରୁ ୬୭ ପ୍ରତିଶତ ଏବଂ ଅର୍ଦ୍ଧସହରାଞ୍ଚଳର ରହିଛି । ତେବେ ୫୬ ପ୍ରତିଶତ ଆକାଉଣ୍ଟ ମହିଳାଙ୍କର ବୋଲି ଜଣାପଡ଼ିଛି । ପ୍ରତ୍ୟେକ ପରିବାର ପାଇଁ ଡିବିଟି ମାଧ୍ୟମରେ ଏହି ମିଶନ ଅଧୀନରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଦ୍ୱାରା ଡିଜିଟାଲ୍ ଅର୍ଥନୀତି ପ୍ରୋତ୍ସାହିତ ହୋଇଛି । ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଞ୍ଚିବାରେ ଏହି ଯୋଜନା ସୁନିଶ୍ଚିତ କରିବା ସହିତ ଏକ ସମନ୍ୱିତ ଏବଂ ସଶକ୍ତ ଭାରତ ନିର୍ମାଣରେ ସହଯୋଗ ପ୍ରଦାନ କରୁଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଂଜନ ମିଶ୍ର

**Seba Parba Closing**

---

# ଭିପି

ଭାଷା ଏବଂ ଉପଭାଷାର ବିବିଧତା ସତ୍ତ୍ୱେ ଭାରତ ଏକତାର ସୂତ୍ରରେ ବାନ୍ଧି ହୋଇ ରହିଛି ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି । ପାଟନାଠାରେ ଆଜି ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସାହିତ୍ୟ ମହୋତ୍ସବ ଉନ୍ମେଷଣ ତୃତୀୟ ସଂସ୍କରଣରେ ଉଦ୍‌ଯାପନୀ ସମାରୋହକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଦେଶର

ଭାଷା, ସାହିତ୍ୟ ଏବଂ ସଂସ୍କୃତି ଅଭିବ୍ୟକ୍ତିର ମୂଲ୍ୟବୋଧକୁ ସମାନ ଭାବରେ ବାଣ୍ଟିଥାଏ ଏବଂ ବିଭାଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏଭଳି କାର୍ଯ୍ୟକ୍ରମ ଏକ ଭାରତ ଶ୍ରେଷ୍ଠ ଭାରତର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

ବିହାରର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି, ବିହାର ହେଉଛି ଭଗବାନ ମହାବୀରଙ୍କ ଭୂମି, ଯିଏ ଅହିଂସାର ନୀତି ପ୍ରଚାର କରିଥିଲେ, ଏବଂ ଏହା ମହାତ୍ମା ଗାନ୍ଧୀଙ୍କୁ ଅନୁପ୍ରାଣିତ କରିଥିଲା । ଉପରାଷ୍ଟ୍ରପତି ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଏହି ଅବସରରେ ସ୍ମୃତିଚାରଣ କରିଥିଲେ ।

---

# ପିଏମ୍ -ଏକ୍ସଗ୍ରାସିଆ

ତାମିଲନାଡୁର କରୁର୍ ଠାରେ ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସଂପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯିବ । ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

କରୁର୍ ଠାରେ ଗତକାଲି ଏକ ରାଜନୈତିକ ର୍‍ୟାଲିରେ ହୋଇଥିବା ଦଳାଚକଟା ଘଟଣାରେ ମୃତ୍ୟୁସଂଖ୍ୟା ୩୯କୁ ବୃଦ୍ଧି ପାଇଛି । ତାମିଲାଗା ଭେଟ୍ରି କାଜାଗମ୍- ଟିଭିକେ ରାଜନୈତିକ ଦଳ ପକ୍ଷରୁ ଏହି ର୍‍ୟାଲିର ଆୟୋଜନ କରାଯାଇଥିଲା । ଦଳାଚକଟା ଘଟଣାରେ ୮୧ ଜଣ ଆହତଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ୨ ଜଣଙ୍କର ଅବସ୍ଥା ଗୁରୁତର ଥିବା ସେଠାକାର ଡାକ୍ତରୀ ଶିକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଧୟନିଧି ଆଜି

ସକାଳେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି । ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରୁଣା ଜଗଦୀଶନ୍‌ଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ ନେଇ ତାମିଲନାଡୁ ସରକାର ଘୋଷଣା କରିଛନ୍ତି ।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଆଜି ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଦୁବାଇରେ ଏହି ମ୍ୟାଚ୍ ଖେଳାଯିବ । ଏପର୍ଯ୍ୟନ୍ତ ଭାରତ ୧୧ଟି ଏସିଆ କପ୍ ଫାଇନାଲ୍ ଖେଳି ୮ଟିରେ ବିଜୟ ଲାଭ କରିଛି ।